Roll No. | | | | | | | |

# DAV PUBLIC SCHOOLS, ODISHA
## ANNUAL EXAMINATION (2025-26)

- Check that this question paper contains **4** printed pages.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS-VIII
## SUB: HIGHER ODIA

**Time Allowed: 3 Hours** **Maximum Marks: 80**

**ସାଧାରଣ ନିର୍ଦ୍ଦେଶାବଳୀ –**

- ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ଓ ୧୪ ଟି ମୁଦ୍ରିତ ପ୍ରଶ୍ନ ରହିଛି ।
  - କ) ପଠନ -Reading - 10 Marks
  - ଖ) ଲିଖନ -Writing - 12 Marks
  - ଗ) ବ୍ୟାକରଣ -Grammar- 20 Marks
  - ଘ) ସାହିତ୍ୟ -Literature- 38 Marks
- ନିର୍ଦ୍ଦେଶ ଅନୁଯାୟୀ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ଦିଅ ।

### 'କ' ବିଭାଗ – ପଠନ (10)

1) ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (5x2=10)

ନାରୀ ଶିକ୍ଷାର ଅଭାବରୁ ଆମ ଦେଶର ସନ୍ତାନ-ସନ୍ତତି ପ୍ରକୃତ ଶିକ୍ଷାର ଅଧିକାରୀ ହୋଇପାରୁନାହାନ୍ତି । ପୁସ୍ତକ ଅର୍ଜିତ ଜ୍ଞାନର ଚର୍ବିତ ଚର୍ବଣ କଲେ କେହି ପ୍ରକୃତରେ ଶିକ୍ଷିତ ହୁଅନ୍ତି ନାହିଁ । ଶିକ୍ଷା ଦ୍ୱାରା ଚରିତ୍ର ନିର୍ମଳ ହୁଏ, ଧର୍ମର ଉନ୍ନତି ହୁଏ ଏବଂ ପ୍ରକୃତ ମନୁଷ୍ୟତ୍ୱ ଗଠିତ ହୁଏ । ବର୍ତ୍ତମାନ କାଳରେ ଆମେ ଅର୍ଥ ଉପାର୍ଜନ ନିମିତ୍ତ କେବଳ ଶିକ୍ଷା ଲାଭ କରୁଛୁ, କିନ୍ତୁ ଅର୍ଥ ଉପାର୍ଜନ ଶିକ୍ଷାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଶିକ୍ଷା ଦ୍ୱାରା ଆହୁରି ଅନେକ ମହତ ଉଦ୍ଦେଶ୍ୟ ସାଧିତ ହୁଏ । ଏହା ହୃଦୟକୁ ବିକଶିତ କରେ, ତା'ର ପ୍ରଭାବରେ ଭ୍ରାନ୍ତ କୁସଂସ୍କାର ପରିତ୍ୟାଗ କରି ମାନବ ସତ୍ୟଲୋକ ଲାଭକରି ଧନ୍ୟ ହୁଏ । ଏହା ସଂକୀର୍ଣ୍ଣ ହୃଦୟକୁ ଉଦାର କରେ । ପରିବାର, ସମାଜ ଓ ଦେଶର ଉନ୍ନତି ପଥକୁ ସମ୍ପ୍ରସାରିତ କରେ । ଆମ ଦେଶର ଅଧିକାଂଶ ଶିକ୍ଷିତ ବ୍ୟକ୍ତି ଆଳସ୍ୟପରାୟଣ । ଯେତିକି ପାଆନ୍ତି, ସେତିକିରେ ସନ୍ତୁଷ୍ଟ ରହି ଅଧିକ ଉନ୍ନତି ପାଇଁ ମସ୍ତିଷ୍କ ବ୍ୟୟ କରନ୍ତି ନାହିଁ । ତା'ର କାରଣ ସେମାନେ ଶୈଶବାବସ୍ଥାରୁ ପ୍ରକୃତ ଶିକ୍ଷା ଲାଭ କରିନାହାନ୍ତି । ପ୍ରକୃତ ଶିକ୍ଷା କେବଳ ସ୍କୁଲର ଶିକ୍ଷକମାନଙ୍କଠାରୁ ଲାଭ କରାଯାଇନଥାଏ । ପ୍ରକୃତ ଶିକ୍ଷା ନିଜ ଘରୁ ପିଲାଟି ମା' ପାଖରୁ ପାଇଥାଏ । ମାଆର ଶିକ୍ଷା ଓ ଉପଦେଶ ପିଲାଟି ପାଇଁ ଯେତେ ପରିମାଣରେ ଫଳଦାୟକ , ସେହି ପରିମାଣରେ ଅନ୍ୟ କିଛି ସେତେଦୂର ଆଶୁ ଫଳପ୍ରଦ ନୁହେଁ । ମାତାର ଶିକ୍ଷା ସନ୍ତାନଟିର ଭବିଷ୍ୟତର ଶୁଭାଶୁଭ ନିର୍ଦ୍ଦେଶ କରେ ।

ପ୍ରଶ୍ନାବଳୀ :-

i ) ପିଲାଟି ପ୍ରକୃତ ଶିକ୍ଷା କେଉଁଠୁ ପାଏ ?

ii ) ବର୍ତ୍ତମାନ କାଳରେ ଆମେ କାହିଁକି ଶିକ୍ଷା ଲାଭ କରୁଛୁ ?

iii ) କ'ଣ କଲେ କେହି ପ୍ରକୃତରେ ଶିକ୍ଷିତ ହୁଅନ୍ତି ନାହିଁ ?

iv ) ଶିକ୍ଷାଲାଭଦ୍ୱାରା କେଉଁକେଉଁ ମହତ ଉଦ୍ଦେଶ୍ୟ ସାଧିତ ହୁଏ ?

v ) ଅଧିକାଂଶ ଶିକ୍ଷିତ ବ୍ୟକ୍ତି ନିଜର ଉନ୍ନତି ପାଇଁ ମସ୍ତିଷ୍କ ବ୍ୟୟ ନ କରିବାର କାରଣ କ'ଣ ?

## 'ଖ' - ବିଭାଗ – ଲିଖନ (12)

**2) ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (6)

ସମୟାନୁବର୍ତ୍ତିତା, ବ୍ୟାୟାମର ଉପକାରିତା, ଛାତ୍ର ଜୀବନରେ ଇଣ୍ଟରନେଟର ଭୂମିକା

**3)** ତୁମ ଅଞ୍ଚଳରେ ଗୋଟିଏ ପାଠାଗାର ସ୍ଥାପନ ନିମନ୍ତେ ଅନୁରୋଧ ଜଣାଇ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ । (6)

**କିମ୍ବା**

ତୁମ ଅଞ୍ଚଳରେ ନକଲି ଔଷଧର ବ୍ୟାପକ ବ୍ୟବହାରକୁ ରୋକିବା ପାଇଁ ସ୍ୱାସ୍ଥ୍ୟବିଭାଗର ସଚିବଙ୍କ ନିକଟକୁ ଦରଖାସ୍ତ ଲେଖ ।

## 'ଗ' - ବିଭାଗ – ବ୍ୟାକରଣ (20)

**4) (କ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର କ୍ରିୟା ଚିହ୍ନାଅ । (ଯେ କୌଣସି ୨ଟିର)** (2x1=2)

i) ଆମେ ମନ୍ଦିର ଦେଖିଦେଖି ଆଗକୁ ଚାଲିଲୁ ।

ii) ଶ୍ରେଣୀକକ୍ଷରେ ଶିକ୍ଷକ ବିଦ୍ୟାର୍ଥୀଙ୍କୁ ପଢ଼ାଉଛନ୍ତି ।

iii) ପିଲାମାନେ ଘରକୁ ଗଲେ ।

**(ଖ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ଅବ୍ୟୟ ଚିହ୍ନାଅ । (ଯେ କୌଣସି ୨ଟିର )** (2x1=2)

i) ଆହେ ଦୟାମୟ ! ମୋ ଗୁହାରି ଟିକେ ଶୁଣ ।

ii) ଆମେ ପଢ଼ିବାକୁ ଗଲୁ ଏବଂ ସେମାନେ ଖେଳିବାକୁ ଗଲେ ।

iii) ତୁ ଆସିବାକୁ କହିଲୁ ଅଥଚ ଆସିଲୁ ନାହିଁ ।

**5) (କ) ତତ୍ସମ ଥିଲେ ତଦ୍ଭବ ଓ ତଦ୍ଭବ ଥିଲେ ତତ୍ସମ ଶବ୍ଦରେ କ'ଣ ହେବ ଲେଖ । (ଯେ କୌଣସି ୩ଟିର)** (3x1=3)

i) ମୃତ୍ତିକା ii) ଗୋଠ iii) ନକୁଳ iv) ଘିଅ

**(ଖ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ବିଶେଷ୍ୟ ଚିହ୍ନାଅ । (ଯେ କୌଣସି ୩ଟିର)** (3x1=3)

i) ବଉଳା ଗାଈ ସତ କହି ନିଜ ଜୀବନ ବଞ୍ଚାଇଲା ।

ii) ବେଦ ଆମକୁ ସମତା ଭାବ ଶିଖେଇଛି ।

iii) ସକାଳୁ ଉଠି ପାଣି ପିଇବା ଭଲ ।

iv) ଶିକ୍ଷକ ଆଗାମୀ ପିଢ଼ିର ପିଲାମାନଙ୍କୁ ଗଢ଼ନ୍ତି ।

**6) (କ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ବିଶେଷଣ ଚିହ୍ନାଅ । (ଯେ କୌଣସି ୩ଟିର)** (3x1=3)

i) ସୁସ୍ଥ ମଣିଷ ସର୍ବଦା ଶାନ୍ତିରେ ରହେ ।

ii) ପାଣ୍ଡବ ପାଞ୍ଚ ଭାଇ ଥିଲେ ।

iii) ଏ ବର୍ଷ ମୋ ଭଉଣୀର ସପ୍ତମ ଶ୍ରେଣୀ ହେଲା ।

iv) ଭୀମ ହାଣ୍ଡିଏ ଉଖୁଡ଼ା ଖାଇଦେଲା ।

(ଖ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ସର୍ବନାମ ଚିହ୍ନାଅ । (ଯେ କୌଣସି ୩ ଟିର) (3x1=3)

i) ସଭାରେ କିଏ କହିଲେ ?

ii) ଶିକ୍ଷକ ଯାହା କହିଲେ, ପିଲାମାନେ ତାହା କଲେ ।

iii) ପିଠିରେ ପଡ଼ିଲେ ଶିବା ଛାଏଁ ବୁଝିଯିବ ।

iv) ଆମେ ଜାତୀୟ ସଂଗୀତ ଗାନ କଲୁ ।

7) କିଏ କେଉଁ ପ୍ରକାର ବାକ୍ୟ ଚିହ୍ନାଅ । (ଯେ କୌଣସି ୪ ଟିର) (4x1=4)

i) ବସନ୍ତ ଋତୁରେ ଦକ୍ଷିଣ ଦିଗରୁ ମଳୟ ପବନ ବହେ ।

ii) ସେ ପରିଶ୍ରମ କରିଥିଲା ମାତ୍ର ଆଶାନୁରୂପ ସଫଳତା ପାଇଲା ନାହିଁ ।

iii) ପାଠ ପଢ଼ି ଭଲ ମଣିଷ ହେବା ଉଚିତ ।

iv) ଯିଏ ଭଲ କାମ କରେ, ସିଏ ପ୍ରଶଂସା ପାଏ ।

v) କର ବା ମର ।

## 'ଘ' ବିଭାଗ – ସାହିତ୍ୟ (38)

8) ସରଳ ଭାଷାରେ ବୁଝାଇ ଲେଖ । (5)

ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଣି ।

କିମ୍ବା

ମାତ୍ର ଶିଳାର ପରୀକ୍ଷା କ୍ଷେତ୍ରରେ ଯାହା ସତ୍ୟ , ସବୁ କ୍ଷେତ୍ରରେ ତାହା ସତ୍ୟ ନୁହେଁ ।

9) ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) (3x2=6)

i) ପୁଲିସ୍ କେଉଁ ଲୋକଙ୍କର ହାତ ମୋଡ଼ି ଦେଇଥିଲେ ?

ii) ପାଶ୍ଚାତ୍ୟ ସଭ୍ୟତାର ଲକ୍ଷଣ କ'ଣ ବୋଲି ଲେଖକ କହିଛନ୍ତି ?

iii) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

iv) 'ଶିକ୍ଷକଙ୍କ ଶିକ୍ଷା ଚିରନ୍ତନ'- ଏପରି କାହିଁକି କୁହାଯାଇଛି ?

v) କାହାକୁ ଆଧାର କରି ସୁରେଶ ବିଚାର କରେ ଓ କାହାର ପରାମର୍ଶ ନିଏ ?

10) ଠିକ୍ ଉତ୍ତରଟି ବାଛି ଲେଖ । (5x1=5)

i) କନ୍‌ଫୁସିଅସ୍ କେଉଁ ଦେଶର ଜଣେ ବିଖ୍ୟାତ ଦାର୍ଶନିକ ?

A) ଜାପାନ B) ଚୀନ୍ C) ଭାରତ D) ଆମେରିକା

ii) "ଲୁଣ ହେଉଛି ରାଷ୍ଟ୍ରର ଆତ୍ମସମ୍ମାନର ପ୍ରତୀକ " - ଏହା କେଉଁ ପତ୍ରିକାରେ ଲେଖା ହୋଇଥିଲା ?

A) ଟାଇମ୍‌ସ ଅଫ୍ ଇଣ୍ଡିଆ B) ହରିଜନ C) ୟୁଥ୍ ଇଣ୍ଡିଆ D) ୟଙ୍ଗ୍ ଇଣ୍ଡିଆ

iii) ଦିଶାରୀ କଥାକୁ କିଏ ବିଶ୍ୱାସ କରୁଥିଲା ?

A) ହରି B) ସିପୁ C) ଦୀପୁ D) ସୁରେଶ

iv) 'ଚରାଚର ହିତାୟ' କାହାର ଆତ୍ମଜୀବନୀ ପୁସ୍ତକ ?

A) ଅନ୍ନପୂର୍ଣ୍ଣା ମହାରଣା B) ଉଦୟନାଥ ଷଡ଼ଙ୍ଗୀ C) ଶତ୍ରୁଘ୍ନ ନାଥ D) ବୈଦ୍ୟନାଥ ମିଶ୍ର

v) ବାର୍ଟ୍ରାଣ୍ଡ ରସେଲ୍ କେଉଁଥିପାଇଁ ନୋବେଲ ପୁରସ୍କାର ପାଇଥିଲେ ?

A) ଶାନ୍ତି ଓ ବନ୍ଧୁତା B) ସାହିତ୍ୟ C) ବିଜ୍ଞାନ D) ଚିକିତ୍ସା ଶାସ୍ତ୍ର

11) ସପ୍ରସଙ୍ଗ ସରଳାର୍ଥ ଲେଖ। (5)

ଛାର କନା ଖଣ୍ଡେ ନ ମଣ ଏହାକୁ,
ଏ ତ ଆମ ପ୍ରିୟ ଜାତୀୟ ଧ୍ୱଜା ।

କିମ୍ବା

ଭାଇରେ ଭାଇରେ ସ୍ନେହ, କେମନ୍ତ ଦେଖିଲ କହ,
ବୃଥା ଅହଂକାରେ ନରେ ଆଉ ନ ପଡ଼ ।

12) ସଂକ୍ଷେପରେ ଉତ୍ତର ଲେଖ। (ଯେ କୌଣସି ୩ ଟିର) (3x2=6)

i) ଗୋପବାଳକମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?
ii) ମଣିଷର ଉନ୍ନତି ସହିତ ଭାଷାର କି ସମ୍ପର୍କ ରହିଛି ?
iii) ଦଶରଥଙ୍କ ପ୍ରାଣତ୍ୟାଗ ଘଟଣାରୁ କେଉଁ ବିଷୟରେ ସୂଚନା ମିଳେ ?
iv) ଜାତୀୟ ପତାକା ଆମ ଜାତିର ଟେକ କିପରି ରଖିବ ?
v) 'ନାଶ ମୋର ପାଶବ ପ୍ରୟାସ' – ଏ କଥା କିଏ କାହାକୁ କହିଥିଲେ ?

13) ଠିକ୍ ଉତ୍ତରଟି ବାଛି ଲେଖ। (5x1=5)

i) 'ବୃକ୍ଷମାହାତ୍ମ୍ୟ' କବିତାରେ କେଉଁ ନଦୀର କଥା କୁହାଯାଇଛି ?
A) ଗଙ୍ଗା B) ଯମୁନା C) ନର୍ମଦା D) ବ୍ରହ୍ମପୁତ୍ର

ii) 'ଉଦ୍‌ବୋଧନ' କବିତାର ରଚୟିତା କିଏ ?
A) ଗୋଦାବରୀଶ ମିଶ୍ର B) ଅନନ୍ତ ପଟ୍ଟନାୟକ C) ଗଙ୍ଗାଧର ମେହେର D) ବୈଷ୍ଣବ ପାଣି

iii) ଲୋଭ, ମୋହ-ମାୟାରେ ପଡ଼ି କାହାକୁ ପୀଡ଼ା ନ ଦେବାକୁ କବି କହିଛନ୍ତି ?
A) ଆତ୍ମା B) ପ୍ରାଣ C) ବିବେକ D) ମନ

iv) ଅରୁନ୍ଧତୀଙ୍କ ଦୃଷ୍ଟିରେ ଆତତାୟୀ କିଏ ?
A) ବିଶ୍ୱାମିତ୍ର B) ଗୌତମ C) ବଶିଷ୍ଠ D) ଦୁର୍ବାସା

v) ସ୍ଥଳଭାଗରେ କେଉଁମାନଙ୍କଦ୍ୱାରା ଜାତୀୟ ପତାକା ଉଡ଼ାଯାଏ ?
A) ନୌସେନା B) ପଦାତିକ ସେନା C) ବାୟୁସେନା D) ବିଦେଶୀ ସେନା

14) ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ଛଅଟିର) (6x1=6)

i) ହରି ସିଂ କେଉଁ ପୋଷ୍ଟ ଅଫିସ୍‌ରେ କାର୍ଯ୍ୟ କରୁଥିଲେ ?
ii) ହରି ସିଂଙ୍କୁ ପୋଷ୍ଟମାଷ୍ଟରବାବୁ କାହିଁକି ଭଲ ପାଉଥିଲେ ?
iii) ଲେଖକଙ୍କ କୋଠରିରେ ଥିବା କେଉଁ ଛବିଗୁଡ଼ିକୁ ଦେଖି ସୁନନ୍ଦା ଭୟ କରୁଥିଲେ ?
iv) ଶାଢ଼ି ଓ ଜିନିଷପତ୍ର କିଣିବାକୁ ସୁନନ୍ଦା କାହିଁକି ମନାକଲେ ?
v) ନେଉଳର ସ୍ୱାଭାବିକ ଆଚରଣ କିପରି ?
vi) ସନା କାଉଳି ବାଉଳି ହେଉଥିଲା କାହିଁକି ?
vii) ଦେବେନ୍ଦ୍ରଙ୍କୁ ମାଆ କ'ଣ କହିଥିଲେ ?
viii) ଚଞ୍ଚଳା ଝିଅ ବାହାଘର ପାଇଁ ବ୍ୟସ୍ତ ହେଉଥିଲେ କାହିଁକି ?

XXXXXXXXXXX